# 2024

Time :As in Programme

Full Marks : 100

*The figures in the right-hand margin indicate marks.*

*Answer **all** the questions*

## 'କ' ବିଭାଗ

୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ । ୧x୧୦

(କ) ଚିନ୍ତାଶକ୍ତି ଓ ଧ୍ୱନି-ଉତ୍ପାଦନକ୍ଷମ ବାଗ୍‌ଯନ୍ତ୍ର ସହିତ କାହାର ସଂପୃକ୍ତି ରହିଛି ?

(ଖ) କେବେ ବୈଦିକ ସଂସ୍କୃତର ପ୍ରଚଳନ ହୋଇଥିଲା ?

(ଗ) ଆଧୁନିକ ଭାରତୀୟ ଆର୍ଯ୍ୟଭାଷା କେବେଠାରୁ ପ୍ରଚଳିତ ହୋଇଛି ?

(ଘ) ମୂଳ ଭାଷା କାହାକୁ କୁହାଯାଏ ?

(ଙ) ରାଷ୍ଟ୍ରଭାଷା କେତେବେଳେ ସୃଷ୍ଟି ହୁଏ ?

(ଚ) ଭାଷା-ବିଭାଷା ମଧ୍ୟରେ ସମ୍ପର୍କର ଆଧାର କ'ଣ ?

(ଛ) ଉପଭାଷା ସୃଷ୍ଟିର ମୁଖ୍ୟ କାରଣ କ'ଣ ?

(ଜ) ସଙ୍କର ଭାଷା କାହାକୁ କୁହାଯାଏ ?

(ଝ) ଭାଷାର ଆବଶ୍ୟକତା କେତେବେଳେ ଅନୁଭୂତ ହୋଇଥିଲା ?

(ଞ) ଅପଭାଷା କାହାକୁ କୁହାଯାଏ ?

## 'ଖ' ବିଭାଗ

୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ୫୦ ଶବ୍ଦ ମଧ୍ୟରେ ଦିଅ । ୨x୯

(କ) ଗ୍ରୀକ୍‌ମାନେ ଭାଷାର କି ନାମକରଣ କରିଥିଲେ ? ତାହାର ଅର୍ଥ କ'ଣ ଥିଲା ?

(ଖ) ଲାଟିନ୍ ଶବ୍ଦ 'Lingua'ର ଅର୍ଥ କ'ଣ ? ଏହା କେଉଁ ଇଂରାଜୀ ଶବ୍ଦ ସହ ସଂପୃକ୍ତ ?

(ଗ) ଭାଷାର ସଫଳ ପ୍ରୟୋଗ ପାଇଁ କେଉଁ ଦୁଇପକ୍ଷ ପରସ୍ପର ପରିପୂରକ ?

(ଘ) ଭାଷା ଓ ଉପଭାଷା ମଧ୍ୟରେ ଥିବା ଦୁଇଟି ମୌଳିକ ପାର୍ଥକ୍ୟ ନିରୂପଣ କର ।

(ଙ) ଦୈବୀ ଉତ୍ପତ୍ତି ସିଦ୍ଧାନ୍ତ ସମ୍ବନ୍ଧରେ ଋଗ୍‌ବେଦରେ କ'ଣ କୁହାଯାଇଛି ?

(Turn Over)

(ଚ) ବ୍ୟକ୍ତବାକ୍ ଓ ଅବ୍ୟକ୍ତବାକ୍ ଆଖ୍ୟା କାହାକୁ କାହିଁକି ଦିଆଯାଇଛି ?

(ଛ) ଭାଷାର ରୂପଭେଦ କେଉଁ ସବୁ ଆଧାର ଉପରେ ନିର୍ଭରଶୀଳ ?

(ଜ) କେଉଁ କେଉଁ କାରଣରୁ ଉପଭାଷା ସୃଷ୍ଟି ହୋଇଥାଏ ?

(ଝ) ବିବର୍ତ୍ତନ ସିଦ୍ଧାନ୍ତ କାହାର ଚିନ୍ତା ପ୍ରସୂତ ? ଏହାକୁ କିଏ ପ୍ରତିପାଦନ କରିଥିଲେ ?

## 'ଗ' ବିଭାଗ

୩. ଯେକୌଣସି ଆଠଟିର ଉତ୍ତର ୨୫୦ ଶବ୍ଦ ମଧ୍ୟରେ ଦିଅ । ୫x୮

(କ) ଭାଷାର ପ୍ରକାରଭେଦ ନିରୂପଣ କର ।

(ଖ) ମନୁଷ୍ୟ ଭାଷାର ବିଶିଷ୍ଟ ଲକ୍ଷଣ ସମ୍ବନ୍ଧରେ ହଲ୍ ଓ ହକେଟ୍‌ଙ୍କ ରଚିତ ପୁସ୍ତକର ପରିଚୟ ଦିଅ ।

(ଗ) ଭୌଗୋଳିକ କାରଣରୁ ଭାଷାର ରୂପ ପରିବର୍ତ୍ତନ ସଦୃଷ୍ଟାନ୍ତ ଦର୍ଶାଅ ।

(ଘ) ଗୁପ୍ତ ଭାଷାର ଅନ୍ୟନାମ କ'ଣ ? ଏହା କିପରି ଉଦ୍ଦେଶ୍ୟ ସାଧନ କରିଥାଏ ?

(ଙ) ରେବେଜ୍‌ଙ୍କ ପ୍ରତିପାଦିତ ଭାଷା ଉତ୍ପତ୍ତି ସିଦ୍ଧାନ୍ତ ବିଷୟରେ ଉଲ୍ଲେଖ କର ।

(ଚ) ଭାଷାର ଉତ୍ପତ୍ତି ସମ୍ବନ୍ଧରେ ଭାଷା ବିଜ୍ଞାନୀମାନେ କାହିଁକି ଅନୁସନ୍ଧିତ୍ସା ରଖନ୍ତି ନାହିଁ ?

(ଛ) ପ୍ରାମାଣିକ ଓଡ଼ିଆ ଭାଷାର କି କି ଉପଭାଷା ରହିଛି ? ସେଗୁଡ଼ିକ କେଉଁ ଅଞ୍ଚଳମାନଙ୍କରେ ପ୍ରଚଳିତ ?

(ଜ) ମାନକ ଭାଷାକୁ କାହିଁକି ଶୁଦ୍ଧ ଭାଷା ଭାବରେ ଗ୍ରହଣ କରାଯାଏ ?

(ଝ) ଓଡ଼ିଆ ଭାଷା କେଉଁ ଅପଭ୍ରଂଶର କେଉଁ ପ୍ରଶାଖାର ଅନ୍ତର୍ଭୁକ୍ତ ?

(ଞ) ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ ଦୃଷ୍ଟିରେ ଓଡ଼ିଆ ଭାଷାର ସ୍ୱରୂପ କିପରି ଥିଲା ?

## 'ଘ' ବିଭାଗ

ଯେକୌଣସି ଚାରିଟିର ଉତ୍ତର ୮୦୦ ଶବ୍ଦ ମଧ୍ୟରେ ଦିଅ । ୮x୪

୪. ଭାଷାର ଉତ୍ପତ୍ତି ସମ୍ବନ୍ଧୀୟ ପ୍ରାଚୀନତମ ସିଦ୍ଧାନ୍ତ ସମ୍ବନ୍ଧରେ ସବିଶେଷ ଆଲୋଚନା କର ।

୫. ଭାଷାର କେତୋଟି ମୌଳିକ ଓ ମୁଖ୍ୟ ତତ୍ତ୍ୱ ସମ୍ବନ୍ଧରେ ସମୀକ୍ଷା କର ।

୬. ପୃଥିବୀରେ ପ୍ରଚଳିତ ଭାଷା ପରିବାରମାନଙ୍କ ସମ୍ପର୍କରେ ସବିଶେଷ ଆଲୋଚନା କର ।

୭. ପ୍ରାମାଣିକ ଭାଷା ସୃଷ୍ଟି ଓ ବିକାଶ ଲାଭ କରିବାର ପ୍ରକ୍ରିୟା ସମ୍ବନ୍ଧରେ ଉଲ୍ଲେଖ କର ।

୮. ଭାଷା ଓ ଉପଭାଷା ମଧ୍ୟରେ ପରିଦୃଷ୍ଟ ପାର୍ଥକ୍ୟ ସମ୍ବନ୍ଧରେ ଆଲୋଚନା କର ।